# NATIONAL NEWS BULLETIN (ODIA)
## 05th April - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଦେଶରେ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନ ଗ୍ୟାସ୍‌ର ଉପଲବ୍ଧତା ସୁନିଶ୍ଚିତ କରିବାପାଇଁ ସମସ୍ତ ପ୍ରୟାସ କରୁଛନ୍ତି ସରକାର ।
- ପଶ୍ଚିମବଙ୍ଗ, କେରଳମ୍ ଓ ଆସାମରେ ବିଧାନସଭା ନିର୍ବାଚନ ପ୍ରଚାର ଜୋର୍‌ଦାର୍ ।

— ପଶ୍ଚିମବଙ୍ଗରେ ଜନସଭାକୁ ସମ୍ବୋଧିତ କଲେ ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଆମେରିକୀୟ F-15 ଯୁଦ୍ଧ ବିମାନର ନିଖୋଜ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିବା ନେଇ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍‌ଙ୍କ ଘୋଷଣାକୁ ଖଣ୍ଡନ କଲା ଇରାନ୍ ।
- ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଭାରତର ସାମୁଦ୍ରିକ ଐତିହ୍ୟ କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କ ଅବଦାନକୁ ଦେଶ ସ୍ମରଣ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୫ ୱିକେଟ୍‌ରେ ପରାସ୍ତ କଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ।

— ଦ୍ୱିତୀୟ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଟସ୍ ଜିତି ଚେନ୍ନାଇ ସୁପର୍ କିଙ୍ଗସ୍‌ର ବୋଲିଂ ନିଷ୍ପତ୍ତି ।

## ଗଭ୍ - ୱେଷ୍ଟ ଏସିଆ

ସରକାର' ଦେଶରେ ପେଟ୍ରୋଲ୍, ଡିଜେଲ୍ ଏବଂ ଏଲ୍.ପି.ଜି.ର ଉପଲବ୍ଧତା ସୁନିଶ୍ଚିତ କରିବାପାଇଁ ସମସ୍ତ ପ୍ରୟାସ କରୁଛନ୍ତି । ନାଗରିକମାନଙ୍କୁ ଏଲ୍.ପି.ଜି. ସିଲିଣ୍ଡର ବୁକିଂ ପାଇଁ ଡିଜିଟାଲ୍ ମୋଡ୍ ବ୍ୟବହାର କରିବାକୁ ଏବଂ ଆବଶ୍ୟକ ନ ଥିଲେ ବିତରକଙ୍କ ପାଖକୁ ନ ଯିବାପାଇଁ ପରାମର୍ଶ ଦିଆଯାଇଛି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସୂଚନା ଅନୁସାରେ ବିତରକ ସ୍ତରରେ ପରିବର୍ତ୍ତନକୁ ରୋକିବାପାଇଁ ଡେଲିଭରି ଅଥେଣ୍ଟିକେସନ୍ କୋଡ୍ ଆଧାରିତ ଏଲ୍.ପି.ଜି. ବିତରଣକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ସୂଚନା ଅନୁସାରେ ଗତକାଲି ୯୦ ହଜାରରୁ ଅଧିକ ୫ କିଲୋଗ୍ରାମବିଶିଷ୍ଟ ଏଫ୍.ଟି.ଏଲ୍. ସିଲିଣ୍ଡର ବିକ୍ରି ହୋଇଛି । ୫ କିଲୋଗ୍ରାମ୍‌ବିଶିଷ୍ଟ ଏଫ୍.ଟି.ଏଲ୍. ସିଲିଣ୍ଡର ନିକଟସ୍ଥ ଏଲ୍.ପି.ଜି.

ବିତରକମାନଙ୍କ ପାଖରେ ଉପଲବ୍ଧ ଅଛି ଏବଂ ଯେକୌଣସି ବୈଧ ପ୍ରମାଣପତ୍ର ଦେଖାଇ ଏହାକୁ କ୍ରୟ କରାଯାଇପାରିବ । ଏଥିପାଇଁ ଠିକଣା ପ୍ରମାଣପତ୍ର ଆବଶ୍ୟକତା ନାହିଁ । ମନ୍ତ୍ରଣାଳୟ କହିଛି, ମାର୍ଚ୍ଚ ୨୦୨୬ ପରଠାରୁ ପ୍ରାୟ ୩ ଲକ୍ଷ ୬୦ ହଜାର ପି.ଏନ୍.ଜି. ସଂଯୋଗରେ ଗ୍ୟାସ୍ ଯୋଗାଣ କରାଯାଇଛି । ଏତଦ୍‌ବ୍ୟତୀତ ୩ ଲକ୍ଷ ୯୦ ହଜାରରୁ ଅଧିକ ଉପଭୋକ୍ତା ନୂତନ ସଂଯୋଗପାଇଁ ପଞ୍ଜୀକରଣ କରିଚନ୍ତି ।

ବନ୍ଦର, ଜାହାଜ ଚଳାଚଳ ଏବଂ ଚଳପଥ ମନ୍ତ୍ରଣାଳୟ କହିଛି, ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ପତାକା ଲାଗିଥିବା ଜାହାଜ ସହିତ କୌଣସି ଘଟଣା ରିପୋର୍ଟ ହୋଇ ନାହିଁ । ସାରା ଦେଶର ବନ୍ଦରଗୁଡ଼ିକରେ କାର୍ଯ୍ୟ ସ୍ୱାଭାବିକ ରହିଛି । ମନ୍ତ୍ରଣାଳୟ କହିଛି, ଜାହାଜା ଚଳାଚଳ ମହାନିର୍ଦ୍ଦେଶକ' ଏପର୍ଯ୍ୟନ୍ତ ୧ ହଜାର ୪୭୯ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିବା ପାଇଁ ରାସ୍ତ ସୁଗମ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଉପସାଗରୀୟ କ୍ଷେତ୍ରର ବିମାନ ବନ୍ଦର ଏବଂ ବିଭିନ୍ନ ଆଞ୍ଚଳିକ ସ୍ଥାନରୁ ୧୫୯ ଜଣ ସ୍ୱଦେଶ ଫେରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଉପସାଗରୀୟ ଏବଂ ପଶ୍ଚିମ ଏସିଆ କ୍ଷେତ୍ରରେ ସାମ୍ପ୍ରତିକ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ଇରାନ୍‌ରେ ଅଟକି ରହିଥିବା ମୋଟ୍ ୩୪୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଗତକାଲି ଘରକୁ ଫେରିଛନ୍ତି । ବିମାନ ଚଳାଚଳ ସ୍ଥିତିରେ ଉନ୍ନତି ଜାରି ରହିଛି

ଏବଂ ଫେବୃୟାରୀ ମାସ ୨୮ ତାରିଖ ପରଠାରୁ ପ୍ରାୟ ୭ ଲକ୍ଷ ୨ ହଜାର ଯାତ୍ରୀ ଏହି ଅଞ୍ଚଳରୁ ଭାରତ ଫେରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଡବ୍ଲ୍ୟୁ.ବି. କ୍ୟାମ୍ପେନିଂ

ପଶ୍ଚିମବଙ୍ଗ ବିଧାନସଭାପାଇଁ ଆସନ୍ତା ୨୩ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ । ନିର୍ବାଚନ ପୂର୍ବରୁ ଶୀର୍ଷ ନେତାମାନେ ସେମାନଙ୍କ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଜୋର୍‌ଦାର କରିଛନ୍ତି । ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପଶ୍ଚିମବଙ୍ଗର କୁଚ୍‌ବେହାରଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି । ଶ୍ରୀ ମୋଦି କହିଛନ୍ତି, ପଶ୍ଚିମବଙ୍ଗର ଜନସାଧାରର ପରିବର୍ତ୍ତନ ଚାହୁଁଛନ୍ତି । ରାଜ୍ୟରେ ବି.ଜେ.ପି. ପ୍ରତି ସମର୍ଥନ ବୃଦ୍ଧି ପାଉଥିବାରୁ ତୃଣମୂଳ କଂଗ୍ରେସ ଭୟଭୀତ ହୋଇପଡ଼ିଛି ବୋଲି ଶ୍ରୀ ମୋଦି କହିଛନ୍ତି । ମମତା ବାନାର୍ଜୀଙ୍କ ସରକାର ଅଧୀନରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ଶ୍ରୀ ମୋଦି ସମାଲୋଚନା କରିଛନ୍ତି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ର୍ୟାଲିକୁ ସମ୍ବୋଧିତ କରିଛନ୍ତି । ଶ୍ରୀମତୀ ବାନାର୍ଜୀ ଆଜି ଭବାନୀପୁର ବିଧାନସଭା

କ୍ଷେତ୍ରରେ ଏକ ସାଧାରଣ ସଭା କରିଥିଲେ । ବରିଷ୍ଠ ଟି.ଏମ୍.ସି. ନେତା ଅଭିଷେକ ବାନାର୍ଜୀ ପୂର୍ବ ବର୍ଦ୍ଧମାନ ଜିଲ୍ଲାର ରାଇନାଠାରେ ଏକ ନିର୍ବାଚନ ର୍‍ୟାଲି କରିଥିଲେ । କଂଗ୍ରେସ, ବାମପନ୍ଥୀ ଓ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ରାଜ୍ୟବ୍ୟାପୀ ଛୋଟ ଛୋଟ ସାଧାରଣ ସଭା ମାଧ୍ୟମରେ ସେମାନଙ୍କର ପ୍ରଚାରକୁ ତୀବ୍ର କରୁଛନ୍ତି ।

## କେରଳମ୍ କ୍ୟାମ୍ପେନିଂ

କେରଳମ୍‌ରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ରହିଛି । ବରିଷ୍ଠ ନେତାମାନେ ଭୋଟରଙ୍କୁ ନିଜ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଆକର୍ଷିତ କରିବାପାଇଁ ପ୍ରଚାରରେ ସାମିଲ୍ ହୋଇଛନ୍ତି ।

ବରିଷ୍ଠ ବି.ଜେ.ପି. ନେତା ଅମିତ୍ ଶାହା ଏର୍ଣ୍ଣାକୁଲମ୍ ଜିଲ୍ଲାର କୁନ୍ନାଥୁନାଡ଼ ନିର୍ବାଚନ ମଣ୍ଡଳିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ଆଗାମୀ କେରଳମ୍ ବିଧାନସଭା ନିର୍ବାଚନ କେବଳ ସରକାର ପରିବର୍ତ୍ତନ କରିବାପାଇଁ ନୁହେଁ; ବରଂ ରାଜ୍ୟର ଭବିଷ୍ୟତକୁ ଉନ୍ନତ କରିବା । ପୂର୍ବାହ୍ନରେ ଶ୍ରୀ ଶାହା କୋଝିକୋଡ଼ ଜିଲ୍ଲାର ବେପୋର ବିଧାନସଭା ନିର୍ବାଚନ ମଣ୍ଡଳିରେ ଏକ ରୋଡ୍‌ଶୋ’ କରିଥିଲେ । କେରଳମ୍‌ର ସମସ୍ତ ୧୪୦ଟି ଆସନପାଇଁ ଅସନ୍ତା ଗୁରୁବାର ଦିନ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ ।

# ଆସାମ - କ୍ୟାମ୍ପେନିଂ

ଆସାମରେ ଏପ୍ରିଲ୍ ୨ ତାରିଖରେ ହେବାକୁ ଥିବା ମତଦାନ ପୂର୍ବରୁ ଆଦର୍ଶ ଆଚରଣ ବିଧି ଲାଗୁ ହେବାପାଇଁ ୨ ଦିନ ବାକି ଥିବାବେଳେ ସାରାରାଜ୍ୟରେ ନିର୍ବାଚନ ପ୍ରଚାର ଜୋର୍‌ଦାର୍ ହୋଇଛି । ରାଜନୈତିକ ଦଳଗୁଡ଼ିକ ଭୋଟର୍‌ମାନଙ୍କ ପାଖରେ ପହଞ୍ଚି ନିଜ ଦଳ ସପକ୍ଷରେ ମତଦାନ କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି ।

ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧି ଆଜି ବିଶ୍ୱନାଥରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିଛନ୍ତି ।

ଆସାମ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବି.ଜେ.ପି. ନେତା ହିମନ୍ତ ବିଶ୍ୱଶର୍ମା ଆଜି ବୋଙ୍ଗାଇଗାଓଁ ଜିଲ୍ଲାର ଅଭୟପୁରୀରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିଛନ୍ତି । ବି.ଜେ.ପି. ରାଜ୍ୟରେ ପୁଣି ଥରେ କ୍ଷମତାକୁ ଆସିଲେ ସରକାର ରାଜ୍ୟର ଯୁବକମାନଙ୍କପାଇଁ ୨ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଶ୍ରୀ ବିଶ୍ୱଶର୍ମା କହିବା ସହ ଦଳର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ ଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଉପରେ ମଧ୍ୟ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଆସମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମୋଦି ଭବାନିପୁର-ସୋରଭୋଗ୍, ହୋଜାଇ ଏବଂ ଦିବ୍ରୁଗଡ଼ରେ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିବେ ।

# ଇରାନ୍ ଏଫ୍୧୫ - ଟ୍ରମ୍ପ୍ କ୍ଲେମ୍

ଇରାନ୍‌ର ଦକ୍ଷିଣ ଇସ୍‌ଫାହାନରେ ଏକ ଉଦ୍ଧାର କାର୍ଯ୍ୟ ସମୟରେ ଆମେରିକାକୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି ବୋଲି ଇରାନ୍ ଦାବି କରିଛି । ସେଠାକାର ଗଣମାଧ୍ୟମର ସୂଚନା ଅନୁସାରେ ଖାତମ ଅଲ୍-ଅନବିୟା କେନ୍ଦ୍ର ମୁଖ୍ୟାଳୟର ମୁଖପାତ୍ର ଇବ୍ରାହିମ୍ ଜୋଲ୍‌ଫାଘାରି କହିଛନ୍ତି, ଇରାନୀ ସେନା' ଅଭିଯାନରେ ସାମିଲ୍ ଥିବା ଆମେରିକୀୟ ବିମାନ ବିରୋଧରେ ଅପରେସନ୍ ଜାରି ରଖିଛି । ଏହି ଅପରେସନ୍ ସହିତ ଜଡ଼ିତ ଏକ ବିମାନକୁ ଗୁଳିକରି ଖସାଇ ଦିଆଯାଇଛି ବୋଲି ଇରାନ୍ ଦାବି କରିବା ସହ ଏହାକୁ ଆମେରିକୀୟ ସେନାର ବିଫଳତା ବୋଲି ଇରାନ୍ କହିଛି ।

ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଇରାନ ପକ୍ଷରୁ ଏହି ବିବୃତ୍ତି ଆସିଛି । ଟ୍ରମ୍ପ୍ କହିଥିଲେ ଖସିପଡ଼ିଥିବା ଏକ F-15 ବିମାନର ନିଖୋଜ କ୍ରୁ ସଦସ୍ୟଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି । ଏହି ମିଶନକୁ ସବୁଠାରୁ ସାହସିକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ମଧ୍ୟରୁ ଗୋଟିଏ ବୋଲି ଟ୍ରମ୍ପ୍ କହିଥିଲେ । ତେବେ ଇରାନୀ ଅଧିକାରୀମାନେ ଆମେରିକାର ଦାବିକୁ ଖଣ୍ଡନ କରିବା ସହ ଏହି ଅପରେସନ୍‌କୁ ଆମେରିକୀୟ ସେନାପାଇଁ ପରାଜୟ ବୋଲି କହିଛନ୍ତି ।

# ନ୍ୟାସନାଲ୍ ମାରିଟାଇମ୍ ଡେ

ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସମୁଦ୍ରର ଭୂମିକା ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି 'ଜାତୀୟ ସାମୁଦ୍ରିକ ଦିବସ' ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ସାମୁଦ୍ରିକ ଭାରତ-ସଶକ୍ତୀକରଣ ପ୍ରଗତି'।

ଜାତୀୟ ସାମୁଦ୍ରିକ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦେଶ' ଭାରତର ସାମୁଦ୍ରିକ ଐତିହ୍ୟ ଏବଂ ଏହି କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରୁଛି । ସେମାନଙ୍କର ସମର୍ପଣ' ଦେଶର ଅର୍ଥନୀତି, ବାଣିଜ୍ୟ ଏବଂ ସଂଯୋଗକୁ ସୁଦୃଢ଼ କରୁଛି ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି । ସରକାର ଏକବିଂଶ ଶତାବ୍ଦୀର ଆଧୁନିକ ଏବଂ ଭବିଷ୍ୟତବାଦୀ ଜାହାଜ ଚଳାଚଳ ଆଇନ କାର୍ଯ୍ୟକାରୀ କରିଛନ୍ତି । ଏହି ନୂତନ ଆଇନ ରାଜ୍ୟ ସାମୁଦ୍ରିକ ବୋର୍ଡ଼ଗୁଡ଼ିକୁ ସଶକ୍ତ କରୁଛି ଏବଂ ବନ୍ଦର ପରିଚାଳନା କ୍ଷେତ୍ରରେ ଡିଜିଟାଲାଇଜେସନକୁ ବିସ୍ତାର କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ନାବିକ ଏବଂ ସାମୁଦ୍ରିକ ସମ୍ପ୍ରଦାୟକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ସେମାନଙ୍କର ପ୍ରତିବଦ୍ଧତା ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ

ନେତୃତ୍ୱରେ ସାମୁଦ୍ରିକ କ୍ଷମତାକୁ ସୁଦୃଢ଼ କରିବା ଏବଂ ଦେଶର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସଂରକ୍ଷଣ କରିବାପାଇଁ ନିରନ୍ତର ପ୍ରୟାସ କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଦିଲ୍ଲୀ ପୁଲିସ୍ - ଫେକ୍ ମେଡିସିନ୍ ରାକେଟ୍

ଦିଲ୍ଲୀ ପୁଲିସ୍ କ୍ରାଇମ୍ ବ୍ରାଞ୍ଚ୍' ଜାତୀୟ ରାଜଧାନୀ ଏବଂ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଏକ ନକଲି ଔଷଧ ତିଆରି ର୍ୟାକେଟ୍‌କୁ ଠାବ କରିଛି । ଗଣମାଧ୍ୟମକୁ ସୂଚନା ଦେଇ କ୍ରାଇମ୍ ବ୍ରାଞ୍ଚ୍ ପୁଲିସ୍ ଡେପୁଟି କମିଶନର ଆଦିତ୍ୟ ଗୌତମ୍ କହିଛନ୍ତି, ଏହି ମାମଲାରେ ଏପର୍ଯ୍ୟନ୍ତ ୬ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ବିଭିନ୍ନ ବ୍ରାଣ୍ଡ୍ ନାମରେ ନକଲି ଔଷଧ ତିଆରି, ପ୍ୟାକେଜିଂ ଏବଂ ଯୋଗାଣରେ ସମ୍ପୃକ୍ତ ଥିଲେ । ଶ୍ରୀ ଗୌତମ କହିଛନ୍ତି, ଅଭିଯୁକ୍ତମାନେ ୨୦୧୧-୧୨ ମସିହାରୁ ଏହି କାର୍ଯ୍ୟ କରୁଥିବା ସହ ଦେଶର ଉତ୍ତରାଞ୍ଚଳର ବିଭିନ୍ନ ରାଜ୍ୟକୁ ଔଷଧ ଯୋଗାଣ କରୁଥିଲେ ।

# ଇ.ସି. - ସିଜର୍ସ

ଭାରତର ନିର୍ବାଚନ ଆୟୋଗ କହିଛନ୍ତି, ଆଗାମୀ ବିଧାନସଭା ନିର୍ବାଚନ ଏବଂ ବିଭିନ୍ନ ରାଜ୍ୟର ଉପନିର୍ବାଚନ ପୂର୍ବରୁ ନଗଦ ଟଙ୍କା, ମଦ, ନିଶାଦ୍ରବ୍ୟ ଏବଂ ଅନ୍ୟାନ୍ୟ ପ୍ରଲୋଭନ ସହ ଜଡ଼ିତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି, ଯାହାର ମୂଲ୍ୟ ୬୫୦ କୋଟି ଟଙ୍କାକୁ ଅତିକ୍ରମ କରିଛି । ଏକ ପ୍ରେସ୍ ବିବୃତ୍ତିରେ ଆୟୋଗ କହିଛନ୍ତି, ରାଜ୍ୟଭିତ୍ତିକ ତଥ୍ୟ ଆଧାରରେ ପଶ୍ଚିମବଙ୍ଗରେ ସର୍ବାଧିକ ୩୧୯ କୋଟି, ତାମିଲ୍‌ନାଡୁରେ ୧୭୦ କୋଟି, ଆସାମରେ ୯୭ କୋଟି, କେରଳରେ ୫୮ କୋଟି ଏବଂ ପୁଡୁଚେରୀରେ ୭ କୋଟି ଟଙ୍କାର ନଗଦ ଏବଂ ବିଭିନ୍ନ ସାମଗ୍ରୀ ଜବତ ହୋଇଛି । ଅଭିଯୋଗର ତୁରନ୍ତ ଜବାବ ଦେବାପାଇଁ ୫ ହଜାର ଶହେରୁ ଅଧିକ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ନିୟୋଜିତ କରାଯାଇଛି, ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏତଦ୍‌ବ୍ୟତୀତ ପ୍ରମୁଖ ସ୍ଥାନଗୁଡ଼ିକରେ ଅଚାନକ ଯାଞ୍ଚ୍ କରିବାପାଇଁ ୫ ହଜାର ୨ ଶହରୁ ଅଧିକ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି । ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯାଞ୍ଚ୍ ସମୟରେ ସାଧାରଣ ନାଗରିକ ଯେଭଳି ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ସେଥିପ୍ରତି ଧ୍ୟାନ ଦେବାକୁ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ’ ସନ୍ ରାଇଜର୍ସ ହାଇଦ୍ରାବାଦକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ୧୫୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ଦଳ ୧୯ ଓଭର୍ ୫ଟି ବଲ୍‌ରେ ୫ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଚେନ୍ନାଇ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****